**ଲୁଟ୍ ୩ ବାଇକ୍ ଉଦ୍ଧାର**

ଭଞ୍ଜନଗର(ଡି.ଏନ୍.ଏ.)–ବେଲଗୁଣ୍ଠା ଥାନା ନୂଆଗାଁର ସୀତାକାନ୍ତ ପରିଡ଼ାଙ୍କ ଘରୁ ଗତ ୭ ତାରିଖରେ ୩ଟି ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଭଞ୍ଜନଗର ପୋଲିସ ସୋମବାର ଦୁଇ ନାବାଳକଙ୍କୁ ସନ୍ଦେହରେ ଆଣି ପଚରାଉଚରା କରିବା ବେଳେ ଲୁଟ୍ ୩ ବାଇକ୍ ସମ୍ପର୍କରେ ଜଣାପଡ଼ିଥିଲା । ପୋଲିସ ୩ଟି ବାଇକ୍ ଉଦ୍ଧାର କରିଛି।

# ଷ୍ଟ୍ରବେରି ଚାଷ ପାଇଁ ବଢୁଛି ଆଗ୍ରହ

## ଦାରିଙ୍ଗବାଡ଼ିରେ ପ୍ରଥମ

ଅରୁଣ ସାହୁ
ଦାରିଙ୍ଗବାଡ଼ି,୧୦।୧ (ଡି.ଏନ୍.ଏ)


ଗ୍ରୀନବାଡ଼ି ପଞ୍ଚାୟତରେ ଷ୍ଟ୍ରବେରି ଚାଷରେ ନିୟୋଜିତ ଏଲିଜାବେଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ।

ଓଡ଼ିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ପ୍ରଥମଥର ପାଇଁ ଷ୍ଟ୍ରବେରି ଚାଷ କରାଯାଉଛି। ଗ୍ରୀନବାଡ଼ି ପଞ୍ଚାୟତର ଏଲିଜାବେଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜିଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ବିଡିଓ ଗଦାଧର ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ପରିଚାଳକ ପିଣ୍ଟୁ କୁମାର ନାୟକଙ୍କ ତଦାରଖରେ ୨ ଏକର ଜମିରେ ଏହି ଚାଷ କରାଯାଉଛି। ପନିପରିବା, ହଳଦୀ, ସୋରିଷ ଆଦି ପ୍ରତିବର୍ଷ ଚାଷ ଓ ଅମଳ କରିବାକୁ ପଡୁଥିବା ବେଳେ ଷ୍ଟ୍ରବେରି ଗୋଟିଏ ଥର ଅମଳ ହେବା ପରେ ତାହା ୫ ବର୍ଷ ପର୍ଯ୍ୟନ୍ତ ସିଜନରେ ଫଳିବ। ଏଥିପାଇଁ ପ୍ରତିବର୍ଷ ଖର୍ଚ୍ଚାନ୍ତ ହେବ ନାହିଁ। ତେଣୁ ଏହି ଚାଷ ପାଇଁ ଏବେ ଲୋକଙ୍କ ମଧ୍ୟରେ ଚାହିଦା ବୃଦ୍ଧି ପାଉଛି ବୋଲି ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ନାୟକ କହିଛନ୍ତି।

ପ୍ରଥମେ ଜଳ ବିଭାଜିକା ତଥା ମୃତ୍ତିକା ସଂରକ୍ଷଣ ପକ୍ଷରୁ ଜମିକୁ ପ୍ରସ୍ତୁତିରେ ସହାୟତା କରାଯାଇଥିବା ବେଳେ କୃଷି ବିଭାଗ ପକ୍ଷରୁ ମାଟି ପରୀକ୍ଷା କରାଯାଇଥିଲା। ସେହିପରି ଉଦ୍ୟାନ ବିଭାଗ ପକ୍ଷରୁ ବୈଷୟିକ ସହାୟକ କରାଯାଇଥିଲା। ଏହି ସମସ୍ତ ବିଭାଗର ସହଯୋଗରେ ଷ୍ଟ୍ରବେରି ଚାଷ ସଫଳତାର ସହ କରାଯାଇଥିବା ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ର କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ପ୍ରାୟ ୨ ଲକ୍ଷ ଖର୍ଚ୍ଚ କରାଯାଇ ଜମିର ଉନ୍ନତି କରାଯାଇଥିଲା ଏବଂ ଓଡିଶା ଜୀବିକା ମିଶନ ପକ୍ଷରୁ ୫ ଲକ୍ଷ ଅନୁଦାନରେ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଚାଷକୁ ତଦାରଖ କରାଯାଇଛି। ପ୍ରାୟ ୨୦ହଜାର ଚାରା ରୋପଣ କରାଯିବା ସହ ସମସ୍ତ ଗଛକୁ ବଞ୍ଚାଇବା ପାଇଁ ପାଣି ସିଞ୍ଚନ ବ୍ୟବସ୍ଥା, ପଲିଥିନ ଢାଙ୍କିବା ଆଦି କରାଯାଇଛି। ଏବେ ସମସ୍ତ ଗଛ ବଞ୍ଚିବା ସହ ଫଳ ଦେବା ଆରମ୍ଭ କରିଛି। ଏଥିସହ ଗଛରୁ ଯେଉଁ ଚାରା ଲମ୍ବିଛି ତାକୁ କଟାଯାଇ ନୂତନ ଚାରା ସୃଷ୍ଟି କରି ବିକ୍ରି କରାଯାଉଛି। ରାସାୟନିକ ଷ୍ଟ୍ରବେରି ଫ୍ଲେବର ସାଧାରଣତଃ ମଣିଷ ଶରୀର ପାଇଁ ବହୁତ କ୍ଷତି ପହଞ୍ଚାଉ ଥିବା ବେଳେ ଏହା ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା ଷ୍ଟ୍ରବେରି ହୋଇଥିବାରୁ ଏହାର ଚାହିଦା ବୃଦ୍ଧି ପାଉଛି। ଜାମ୍ ପ୍ରସ୍ତୁତ ସହ ରସ ପାଇଁ ଏହା ବହୁତ ଉପଯୋଗୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଚାଷ ପାଇଁ ସମସ୍ତ ତାଲିମ ପ୍ରଦାନ କରାଯାଇଥିଲା। ଏବେ ଏହି ଷ୍ଟ୍ରବେରି ଫଳକୁ ମହିଳାମାନେ ବିକ୍ରି କରି ଭଲ ଦି 'ପଇସା ରୋଜଗାର କରୁଛନ୍ତି। ଏହି ଫଳ କିଲୋ ୪ଶହରୁ ୬ଶହ ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ଚାଲିଥିବା ବେଳେ ସେଠାରେ ବିକ୍ରି କରାଯିବା ସହ ଷ୍ଟ୍ରବେରି ରସ ପ୍ରସ୍ତୁତି କରି ବୋତଲ ୨୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି ବୋଲି ଓଡିଶା ଜୀବିକା ମିଶନ ପକ୍ଷରୁ କୁହାଯାଇଛି। ଏବେ ଏହି ଚାଷ ପନିପରିବା ଓ ଅନ୍ୟ ଚାଷ ଅପେକ୍ଷା ଅଧିକା ଫାଇଦା ଦେଉଛି ବୋଲି ଏଲିଜାବେଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ମୋହିନୀ ପ୍ରଧାନ ଏବଂ ସମ୍ପାଦିକା ରେଣୁକା ପ୍ରଧାନ ପ୍ରମୁଖ କହିଛନ୍ତି। ଏହି ଚାଷକୁ ଆଗାମୀ ଦିନରେ ଅନ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କୁ ନେଇ ବିଭିନ୍ନ ପଞ୍ଚାୟତରେ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପ୍ରଶାସକ ପିଣ୍ଟୁ କୁମାର ନାୟକ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ପ୍ରଭାତ


@ ସନ୍ତୋଷ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

**ଖଲ୍ଲିକୋଟ**

- ମର୍ଦ୍ଦରାଜ ମହୋତ୍ସବ, ସ୍ଥାନ-ଯୁବରାଜ ବଙ୍ଗଳା, ସମୟ-ଅପରାହ୍ନ ୫ଟା

## ସଂକ୍ଷେପରେ

### ରୋହିତ ବର୍ମା ବାଲିଗୁଡ଼ା ଏସ୍‌ଡିପିଓ



ବାଲିଗୁଡା,୧୦।୧(ଡି.ଏନ୍.ଏ.)- ବାଲିଗୁଡା ଉପଖଣ୍ଡର ନୂତନ ପୋଲିସ ଏସ୍‌ଡିପିଓ ଭାବେ ରୋହିତ ବର୍ମା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଅନୁଗୋଳରେ ପ୍ରୋବେଶନ ପରେ ଫୁଲବାଣୀରେ ଏଏସପି ଅପରେଶନରେ ଦାୟିତ୍ୱରେ ଥିଲେ। ୨୦୧୯ ବ୍ୟାଚର ଏହି ଆଇପିଏସ ଅଫିସରଙ୍କ ଘର ଉତ୍ତରପ୍ରଦେଶର ଲକ୍ଷ୍ନୌରେ ।

### ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୧୦।୧- ଜଣୈକା ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଲାଞ୍ଜିପଲ୍ଲୀ ରାମନଗରର ଅଶୋକ ପାଣ୍ଡି(୨୪)। ଅଶୋକଙ୍କୁ ପୋଲିସ ମାମଲା ନମ୍ବର ୧୧/୨୩ରେ କୋର୍ଟ ଚାଲାଣ କରିଛି। ସେହିପରି ଏହି ମାମଲାରେ ପୀଡ଼ିତା ଛାତ୍ରୀଙ୍କ କୋର୍ଟରେ ବୟାନ ମଧ ରେକର୍ଡ କରାଯାଇଛି।

ପ୍ରକାଶ ଯେ, ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ୧୬ ବର୍ଷର ନାବାଳିକା ଦଶମ ଶ୍ରେଣୀରେ ପଢୁଛନ୍ତି। ସେ ସ୍କୁଲ ଓ ଟିଉସନ୍ ଯିବା ସମୟରେ ଅଶୋକ ରାସ୍ତାରେ ଅନେକ ଥର ତାଙ୍କୁ କମେଣ୍ଟ ମାରିବା ସହ ଅସଦାଚରଣ କରି ଆସୁଥିଲେ। ଏ ନେଇ ବିଭିନ୍ନ ସମୟରେ ନାବାଳିକା ଜଣକ ଘଟଣାକୁ ନେଇ ପରିବାର ଲୋକଙ୍କୁ ଜଣାଉଥିଲେ। ପରିବାର ପକ୍ଷରୁ ଅଭିଯୁକ୍ତଙ୍କୁ ତାଗିଦ୍ କରାଯିବା ସତ୍ତ୍ୱେ ଅଶୋକ ଗତ ୮ ତାରିଖରେ ନାବାଳିକା ଜଣକ ଟିଉସନ୍ ଯାଉଥିବା ବେଳେ ତାଙ୍କୁ ଟଣାଓଟରା କରିଥିଲେ।

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, କନ୍‌ଷ୍ଟେବଲ ଗିରଫ

ବ୍ରହ୍ମପୁର ଅଫିସ,୧୦।୧-ଜଣେ ଯୁବତୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ଜଣେ କନ୍‌ଷ୍ଟେବଲ ଗିରଫ ହୋଇଛନ୍ତି। ସେ ହେଲେ ଜରଡ଼ା ଥାନା ଅନ୍ତର୍ଗତ ଲାଲମେଣ୍ଟା ଗ୍ରାମର ଏ. ଶଙ୍କର (୩୫)। ମାମଲା ନମ୍ବର ୧୦/୨୩ରେ ଟାଉନ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, କନ୍‌ଷ୍ଟେବଲ ଏ. ଶଙ୍କର ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଶେଷରେ ତାଙ୍କୁ ବିବାହ କରିବେ ନାହିଁ ବୋଲି କହିଥିଲେ। ଅନ୍ୟପଟେ ଏ.ଶଙ୍କରଙ୍କ ଅନ୍ୟତ୍ର ବିବାହ ହୋଇଥିଲା। ପ୍ରତାରଣର ଶିକାର ହେବାପରେ ଯୁବତୀ ଜଣଙ୍କ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ।

# ସାଇକେଲରେ ଭାରତ ଭ୍ରମଣ

## ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ରବୀନ

ଜଗନ୍ନାଥପ୍ରସାଦ,୧୦।୧(ଡି.ଏନ.ଏ.)



ସାଇକେଲରେ ଭାରତ ଭ୍ରମଣରେ ବାହାରିଥିବା ରବୀନ ସିଂ।

ସାଇକେଲରେ ଭାରତ ବୁଲି ବୁଲି ରାଷ୍ଟ୍ରୀୟ ଏକତା, ପ୍ରଦୂଷଣ ମୁକ୍ତ, ପରିବେଶର ସୁରକ୍ଷା ବାର୍ତ୍ତା ପ୍ରଚାର କରୁଛନ୍ତି ଉତ୍ତର ପ୍ରଦେଶ ଇଟାୱା ଅଞ୍ଚଳର ରବୀନ ସିଂ (୨୯)। ମଙ୍ଗଳବାର ସେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦରେ ପହଞ୍ଚିଛନ୍ତି। ନିଜସ୍ୱ ପ୍ରଚେଷ୍ଟାରେ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ଓ ସଚେତନ ଅଭାବ କାରଣରୁ ବିପଦଗାମୀ ଆଡକୁ ପୃଥିବୀ ଅଗ୍ରସର ହେଉଅଛି ଓ ଯାହାକୁ ନେଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମାନଙ୍କରେ ପହଞ୍ଚି ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଯାତ୍ରା ଆରମ୍ଭ କରିଥିବା କହିଛନ୍ତି। ଅକ୍ଟୋବର ୬ରୁ କନ୍ୟାକୁମାରୀରୁ ଏହି ଯାତ୍ରା ଆରମ୍ଭ କରିଥିବା ରବୀନ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଯେଉଁ ଯେଉଁ ରାଜ୍ୟରେ ସେ ଯାଇ ପହଞ୍ଚିଛନ୍ତି ସମ୍ପୂର୍ଣ୍ଣ ଲୋକଙ୍କ ସହଯୋଗ ଓ ସମର୍ଥନ ମିଳିଥିବା କହିଛନ୍ତି। କେତେଜଣ ସହୃଦୟ ବ୍ୟକ୍ତି ମଧ ସାହାଯ୍ୟ କରୁଥିବା ପ୍ରକାଶ କରିଛନ୍ତି। ଦିନକୁ ସେ ୧୦୦ କିମି ରାସ୍ତା ଅତିକ୍ରମ କରୁଥିବା କହିଛନ୍ତି। ପୂରା ଦେଶ ବୁଲିବାକୁ ଦୁଇ ବର୍ଷ ଲାଗିବା ସହ ଶେଷରେ ସେ ଭୋପାଳରେ ପହଞ୍ଚିବେ ବୋଲି କହିଛନ୍ତି। ଜଗନ୍ନାଥପ୍ରସାଦରେ ତାପସ ରଞ୍ଜନ ପ୍ରଧାନ, ମହେନ୍ଦ୍ର ପଣ୍ଡା, ବାସୁଦେବ ନାୟକ, ସୁଧୀର କୁମାର ପଣ୍ଡା, ଏସ୍. ହରିକୃଷ୍ଣ ପାତ୍ର, ରବିନାରାୟଣ ରଥଙ୍କ ସମେତ ଅନେକ ସାମାଜିକ କର୍ମୀ ରବୀନଙ୍କୁ ସ୍ୱାଗତ ଜଣାଇବା ସହ ସଚେତନ ବାର୍ତ୍ତା ବାଣ୍ଟିବାରେ ସହଯୋଗ କରିଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

## ନାବାଳିକା ଅସଦାଚରଣ ମାମଲା

ବ୍ରହ୍ମପୁର ଅଫିସ,୧୦।୧

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ମଙ୍ଗଳବାର ଏକ ଅସଦାଚରଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ମହୁଲପଲି ଗ୍ରାମର ମହେଶ୍ୱର ସାବତ (୪୫)। ପ୍ରକାଶ ଯେ, ୨୦୨୨ ମଇ ୨୫ରେ ଏକ ମନ୍ଦିରରେ ରୋଷେଇ ପାଇଁ ଜଣେ ମହିଳା ଓ ତାଙ୍କ ନାବାଳିକା ଝିଅ ଯାଇଥିଲେ। ସେଠାରେ ଜଣେ ଯୁବକ ଉକ୍ତ ମହିଳାଙ୍କ ନିକଟରେ ଥିବା ତାଙ୍କ ଝିଅର ଫଟୋ ଉଠାଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ଯୁବକ ଜଣକ ତାଙ୍କୁ ସେଠାରେ ଟଣାଓଟରା କରିଥିଲେ। ଏହାଦେଖି ସେଠାରେ ଥିବା ତାଙ୍କ ମା' ଏହାର ପ୍ରତିବାଦ କରିଥିଲେ। ହେଲେ ଯୁବକ ଜଣକ ମହିଳାଙ୍କୁ ମଧ ସେଠାରେ ଦୁର୍ବ୍ୟବହାର କରିଥିଲା। ପରେ ମହିଳା ଜଣକ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୬୩/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମହେଶ୍ୱରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଙ୍ଗଳବାର ମାମଲାର ବିଚାର ବେଳେ ଅଭିଯୁକ୍ତ ମହେଶ୍ୱରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୫ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳି ନ ଥିବାରୁ ଜଜ୍ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଗୌରୀଶଙ୍କର ଦାଶ, କିରଣ ମଣ୍ଡଳ ଓ ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଶିଶୁ ସାହିତ୍ୟ ବିକାଶ ପରିଷଦର ସାହିତ୍ୟ ଆସର

ବ୍ରହ୍ମପୁର ଅଫିସ୍,୧୦।୧

ଶିଶୁ ସାହିତ୍ୟ ବିକାଶ ପରିଷଦ ପକ୍ଷରୁ ସାହିତ୍ୟ ଆସର ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଆସର ସଭାପତି ହାଡ଼ିବନ୍ଧୁ ମାଳୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଓ ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ହରିକୃଷ୍ଣ ନାୟକ ମଞ୍ଚାସୀନ ହୋଇ ଆସରକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଏହାକୁ ସଂଯୋଜନା କରିଥିଲେ। ସାହିତ୍ୟକୁ ମନଲାଖି ସରଳ ସାବଲୀଳ ଶବ୍ଦ ଚୟନ କରି ରଚନା କରିବାକୁ ହୁଏ। ତାହା ସହିତ ପରିବେଶ, ବିଜ୍ଞାନ, ସମାଜ ତଥା ଦେଶାତ୍ମବୋଧକ ବିଷୟକୁ ନେଇ ଶିଶୁମାନେ ବୁଝିପାରିଲା ଭଳି ଶବ୍ଦ ଓ ଭାବ ପ୍ରୟୋଗ କରି ରଚନା କଲେ ତାହା ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବନମାଳୀ ପାଣିଗ୍ରାହୀ, ସୁଦର୍ଶନ ବିଷୋୟୀ, ଭିକାରୀ ଚରଣ ମହାପାତ୍ର, ଦେବୀ ପ୍ରସାଦ ମହାପାତ୍ର, ସୁବାସ ଚନ୍ଦ୍ର ନାୟକ, କବୟିତ୍ରୀ ପଦ୍ମିନୀ ମିଶ୍ର, ପ୍ରକାଶ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ପାଢ଼ୀ, ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼ ଓ ରମେଶ ଚନ୍ଦ୍ର ସାହୁଙ୍କ ସମେତ ବହୁ ସାହିତ୍ୟିକା ସାହିତ୍ୟିକ ଉପସ୍ଥିତ ରହି ସ୍ୱରଚିତ ଶିଶୁ କବିତା ପାଠ କରିଥିଲେ। ଦେବୀ ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ବୃନ୍ଦ।

# ବଉଳଝୋଳିରେ ସିପିଆଇ ସମ୍ମିଳନୀ

## ଭାଜପା ଶାସନରେ ଲୋକେ ଅତିଷ୍ଠ

ବ୍ରହ୍ମପୁର ଅଫିସ,୧୦।୧

ବ୍ରହ୍ମପୁର ନିକଟ ବଉଳଝୋଳିରେ ସିପିଆଇର ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ) ସର୍ବ ଭାରତୀୟ ସଭାପତି ସୁରବିନ୍ଦର ସିଂ ଯୋଗଦେଇ ଭାଜପା ନେତୃତ୍ୱାଧିନ କେନ୍ଦ୍ର ଏନଡିଏ ସରକାରଙ୍କ ୯ ବର୍ଷର ଶାସନରେ ଦେଶର ଅର୍ଥନୀତି ରସାତଳଗାମୀ ହୋଇଥିବା ଏବଂ ବେକାରୀ ସଂଖ୍ୟା ବୃଦ୍ଧି ପାଇଥିବା ଅଭିଯୋଗ କରିଥିଲେ।

ବଉଳଝୋଳି ସମ୍ମିଳନୀରେ ପାର୍ଟିର ବର୍ଷିୟାନ ନେତା ବାବୁ ବିଶୋୟୀ ଲାଲ ପତାକା ଉତ୍ତୋଳନ କରିଥିଲେ। ସୀମାଞ୍ଚଳ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗ ଦେଇଥିଲେ। ମୋଦିସରକାରଙ୍କ ପୁଞ୍ଜିପତି ତୋଷଣ ନୀତିର ସେ ସମାଲୋଚନା କରିଥିଲେ। ବ୍ରହ୍ମପୁର ଜୋନାଲ ସମ୍ପାଦକ କାମଦେବ ନାହାକ ବେକାରୀ ସମସ୍ୟାର ସମାଧାନ ପାଇଁ ଭଗତ ସିଂ ଜାତୀୟ ରୋଜଗାର ଆଇନ ପ୍ରଣୟନ କରାଯିବାକୁ କକଦାବି କରିଥିଲେ। ଯୁବସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀଙ୍କ ସମେତ ରୋହିତ ବିଶୋୟୀ ଓ ଅନ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଗଞ୍ଜାମରେ ବାମପନ୍ଥୀ ଶକ୍ତିକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଥିଲେ।

# ପଲ୍ଲିଶ୍ରୀ ମେଳାରେ ୧୫୦ ଷ୍ଟଲ୍, ନଜର ରଖିବ ସିସିଟିଭି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗଞ୍ଜାମ ଜିଲାପାଳ, ବିଧାୟକ, ମେୟର ଓ ଅନ୍ୟମାନେ।

- ପ୍ରଥମ ଥର ପୁସ୍ତକ ମେଳା, ପାର୍କିଂ ପାଇଁ ୫ ସ୍ଥାନ ଚିହ୍ନଟ
- ପାଟ ବୁଣାକାର ଓ ଏସ୍‌ଏଚ୍‌ଜିକୁ ପ୍ରାଥମିକତା
- ସିଲ୍କ ସିଟି ଫେଷ୍ଟ ମହୋତ୍ସବ ନେଇ ଖବରଦାତା ସମ୍ମିଳନୀ

ବ୍ରହ୍ମପୁର ଅଫିସ,୧୦।୧

ବିଶ୍ୱକପ ପୁରୁଷ ହକିକୁ ପ୍ରୋତ୍ସାହନ ନେଇ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆସନ୍ତା ୧୩ରୁ ୧୭ ତାରିଖ ଯାଏ ୟୁସିପି ଇଞ୍ଜିନିୟରିଂ ସ୍କୁଲ ପଡିଆଠାରେ ସିଲ୍କ ସିଟି ଫେଷ୍ଟ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ପଲୀଶ୍ରୀ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରଥମ ଥର ପାଇଁ ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ବିଏମସି ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ପଲୀଶ୍ରୀ ମେଳା ପାଇଁ ୧୫୦ଟି ଷ୍ଟଲ ରହିବ। ଏଥିମଧ୍ୟରୁ ୫୦ଟି ଷ୍ଟଲରେ ଜିଲା ବାହାର ଷ୍ଟଲ ରହିବ। ଏପରିକି ଷ୍ଟଲ ଗୁଡିକରେ ଏସଏଚଜି ମହିଳାଙ୍କ ଦ୍ୱାରା କିଭଳି ବିଭିନ୍ନ ହାଇଜେନିକ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ସେ ନେଇ ମଧ ଏକ ପ୍ରସ୍ତୁତି ପ୍ରଣାଳୀ ଷ୍ଟଲରେ ଉପଲବ୍ଧ ରହିବ। ମହୋତ୍ସବରେ ପୁସ୍ତକ ମେଳା ନିମନ୍ତେ ୨୦ଟି ଷ୍ଟଲ ରହିବ। ଯେଉଁ ସ୍ଥାନରେ ମହୋତ୍ସବ ଅନୁଷ୍ଠିତ ହେଉଛି, ସେହି ସ୍ଥାନର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ଜିଲାପାଳ କହିଛନ୍ତି। ଗୋପାଳପୁର ବେଳାଭୂମି ମହୋତ୍ସବ ସମୟରେ ଯେଭଳି କମିଟି ଗଠନ କରାଯାଇଥିଲା, ଏହି ମହୋତ୍ସବରେ ମଧ ସେଭଳି କମିଟି ଗଠନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ମେୟର ସଂଘମିତ୍ରା ଦଳେଇ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଧାୟକ ବିକ୍ରମ ପଣ୍ଡା, କମିଶନର ଜେ ସୋନାଲ ହାସଲ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି , ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଓ ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତି ୱାସନ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ ଅନଗ୍ରସର ଯୁବତୀଙ୍କୁ ହତ୍ୟା

## ପଡ଼ୋଶୀଙ୍କ ବାଡ଼ିରୁ ମିଳିଲା ମୃତଦେହ

ଦିଗପହଣ୍ଡି/ଚିକିଟି,୧୦।୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗ୍ରାମର ମାନସିକ ଅନଗ୍ରସର ଯୁବତୀ ବିଷ୍ଣୁପ୍ରିୟା ସାହୁଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ଯୁବତୀଙ୍କ ମୃତଦେହକୁ କେ.ନୂଆଗାଁ ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ପୋଲିସ ନଂ.୬/୨୩ ଦଫା -୩୦୨/୨୦୧ ଆଇପିସି ଅନୁଯାୟୀ ମାମଲା ରୁଜୁ କରିଛି।

ଗତ ରବିବାର ରାତିରୁ ବିଷ୍ଣୁପ୍ରିୟା ଗାଁରୁ ନିଖୋଜ ହୋଇଯାଇଥିଲେ। ଖୋଜାଖୋଜି ପରେ ମଧ ତାଙ୍କ ସନ୍ଧାନ ମିଳିନଥିଲା। ଏନେଇ ବିଷ୍ଣୁପ୍ରିୟାଙ୍କ ବାପା ବାସୁ ସାହୁ ସୋମବାର କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ ନିଖୋଜ ମାମଲା ନଂ.୩/୨୩ ରୁଜୁ କରିଥିଲେ। ସୋମବାର ରାତିରେ ଗାଁର ଜଣେ ବ୍ୟକ୍ତିଙ୍କ ବାଡ଼ିରେ ବିଷ୍ଣୁପ୍ରିୟାଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଖବର ପାଇଥିଲେ। ମଙ୍ଗଳବାର ସକାଳେ ପୋଲିସ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହ ବ୍ରହ୍ମପୁର ଏସ୍‌ପି ଡ.ସର୍ବଣା ବିବେକ ଏମ, ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, କେ.ନୂଆଗାଁ ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ, ଏସଆଇ ଶିଶିର ସାହାଣୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରିଛନ୍ତି। ବିଷ୍ଣୁପ୍ରିୟା ସବୁଦିନ ଭଳି ରବିବାର ଖାଇସାରିବା ପରେ ଗାଁ ରେ ରହୁଥିବା ତାଙ୍କ ଭଉଣୀ ଘରକୁ ଶୋଇବାକୁ ଯାଇଥିଲେ। କିନ୍ତୁ ସେ ଭଉଣୀ ଘରକୁ ନଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କ ଘର ଠାରୁ ଅଳ୍ପ ଦୂରରେ ଥିବା ଜଣେ ବ୍ୟକ୍ତିଙ୍କ ଘର ବାରିପଟ ବାରଣ୍ଡାରୁ ସୋମବାର ରାତିରେ ତାଙ୍କ ମୃତଦେହ ଠାବ ହେବା ପରେ ପୋଲିସକୁ ଖବର ଦିଆଯାଇଥିଲା। ବିଷ୍ଣୁପ୍ରିୟାଙ୍କ ନାକରୁ ରକ୍ତସ୍ରାବ ହୋଇ ଶୁଖି ଯାଇଥିବାରୁ ତାଙ୍କୁ ତଣ୍ଟି ଚିପି କେହି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି।

**୭ ବଖରା ଜଳିଗଲା**

ଆସିକା,(ଡି.ଏନ୍.ଏ.)-ଆସିକା ବ୍ଲକ ଗଙ୍ଗାପୁରଶାସନ ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୫ଟି ପରିବାରର ୭ ବଖରା ଜଳିଯାଇଛି। ସବିତା ଭୋଲ ଓ ଗୀତା ଭୋଲଙ୍କ ୨ ବଖରା ଲେଖାଏ ଏବଂ ନିରଞ୍ଜନ ବେହେରା, ମନୁ ବେହେରା ଓ ଉଲି ଭୋଲଙ୍କ ଗୋଟିଏ ଲେଖାଏ ବଖରା ଭସ୍ମୀଭୂତ ହୋଇଛି। ବିଦ୍ୟୁତ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଆସିକା ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ।



**ସଂକ୍ଷେପରେ**

## ମର୍ଦ୍ଦରାଜ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ଛତ୍ରପୁର,୧୦।୧(ଡି.ଏନ୍.ଏ.): ରାଜା ସାହେବ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡିଆ ବକ୍ତୃତା ପ୍ରତିଯୋଗିତା ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମଧ ଇଂରାଜୀ ବିଦ୍ୟାଳୟସ୍ତରରେ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ବାଲ୍ୟଜୀବନୀ ଓ ଶିକ୍ଷା ସମ୍ବନ୍ଧରେ, ଉଚ୍ଚ ବିଦ୍ୟାଳୟସ୍ତରରେ ହରିହର ମର୍ଦ୍ଦରାଜ ଓ ଉତ୍କଳ ସମ୍ମିଳନୀ ଏବଂ ମହାବିଦ୍ୟାଳୟ ସ୍ତରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଭୂମିକା ଉପରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଚାରକ ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଗଣ ମାଧ୍ୟମର ପ୍ରତିନିଧି ସନ୍ତୋଷ କୁମାର ପାଢ଼ୀ ଓ ଅବସରପ୍ରାପ୍ତ ଶିକ୍ଷାବିତ୍ ପଞ୍ଚାନନ ଆଚାରୀ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୧୩ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ମର୍ଦ୍ଦରାଜ ଜୟନ୍ତୀ ଉତ୍ସବରେ ପୁରସ୍କୃତ କରାଯିବ।

## ପିପୁଲ୍ସ କଲେଜରେ ଆତ୍ମରକ୍ଷା ତାଲିମ୍

ବୁଗୁଡା,୧୦।୧(ଡି.ଏନ.ଏ.):ସ୍ଥାନୀୟ ପିପୁଲ୍ସ କଲେଜ ପରିସରରେ ଛାତ୍ରୀମାନଙ୍କ ସକାଶେ ଆତ୍ମସୁରକ୍ଷା ତାଲିମ୍ ଶିବିର ଶୁଭାରମ୍ଭ ହୋଇଛି। +୨ ପ୍ରଥମ ବର୍ଷର ୨୦୩ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଏହାର ଉଦଘାଟନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ରଜନୀକାନ୍ତ ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଓ ହରିକୃଷ୍ଣ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ରଶ୍ମିତା କୁମାରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉକ୍ତ ଶିବିରରେ ମାଷ୍ଟର ଟ୍ରେନର୍ ଭାବେ ପୂଜାରାଣୀ ସ୍ୱାଇଁ ଓ ସମିତା ଜେନା ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିର ୧୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡ଼ିଛି।

## ଆତ୍ମରକ୍ଷା ତାଲିମ ଶିବିର

ଜି.ଉଦୟଗିରି,୧୦।୧(ଡି.ଏନ.ଏ.)- ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟର ଅଧକ୍ଷ ଶିବରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନ ସଭାରେ ପୋଲିସ ଆଇଆଇସି ଅଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଓ ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ କେ ସୂର୍ଯ୍ୟ ନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ଏବଂ ମହାବିଦ୍ୟାଳୟର ଅଧାପିକା ଡ଼ ବବିତା ରାଣୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ, ଅଧାପିକା ମିନତୀ ଦାଶ ବକ୍ତା ଭାବେ ଯୋଗଦେଇ ଛାତ୍ରୀମାନେ କିପରି ଆତ୍ମ ସୁରକ୍ଷା କରିପାରିବେ ସେ ସମ୍ପର୍କରେ ସଚେତନ କରାଇଥିଲେ। ପ୍ରୋଗ୍ରାମ ଅଫିସର ଅଧାପିକା ସସ୍ମିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ ୨ ପ୍ରଥମ ବର୍ଷର ୨୩୭ଜଣ ଛାତ୍ରୀ ଏହି ଶିବିରରେ ଭାଗ ନେଇଥିଲେ।

# ସତ୍ତା ହରାଇଛି ସାଗର ଯୋଜନା

### ଟ୍ରିପଲ୍ ଆର୍ ଯୋଜନାର ଟେଣ୍ଡର କେବେ

ଗିରିଧାରୀ ପରିଚ୍ଛା

ପାରଳାଖେମୁଣ୍ଡି, ୧୦।୧ (ଡି.ଏନ୍.ଏ): ଶତାଧିକ ବର୍ଷ ପୂର୍ବେ ପାରଳାଖେମୁଣ୍ଡିର ପ୍ରଜାବତ୍ସଳ ଶାସକମାନେ ଅଞ୍ଚଳର ବିକାଶ ପାଇଁ ସାଗର ଯୋଜନା ମାଧ୍ୟମରେ ୫ଟି ବୃହତ ସାଗର ଖୋଳିଥିଲେ। ଏହି ୫ଟି ସାଗର ଯଥା ରାମ ସାଗର, ସୀତା ସାଗର, ଲକ୍ଷ୍ମଣ ସାଗର, କୃଷ୍ଣ ସାଗର, ଗଜପତି ସାଗର ବର୍ଷ ବର୍ଷ ଧରି ହଜାର ହଜାର ହେକ୍ଟର ଚାଷଜମିକୁ ଜଳ ଯୋଗାଇ ଚାଷୀଙ୍କୁ ବାରମାସୀ ଫସଲ ଉତ୍ପାଦନରେ ସାହାଯ୍ୟ କରିବା ସହିତ ମତ୍ସ୍ୟଜୀବୀଙ୍କ ପେଟପାଟଣା ତଥା ଗୁଜାରଣ ମେଣ୍ଟାଉଥିଲା। ରାଜ୍ୟ ସରକାରଙ୍କ ଅଣଦେଖା, ଉଦାସୀନତାରୁ ସେଗୁଡ଼ିକ ପଙ୍କ ମାଟି, ଘାସ ବୁଦା ଓ ଦଳରେ ପୋତି ହୋଇଗଲାଣି। ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ତଥା ଆଖପାଖ ଅଞ୍ଚଳରେ ତତ୍କାଳୀନ ପାରଳା ଶାସକମାନେ ଚାଷୀଙ୍କ ସୁବିଧା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ଯୋଜନା କରି ପାଞ୍ଚୋଟି ବୃହତ ସାଗର ଖୋଳିଥିଲେ ଏବଂ ଏଗୁଡ଼ିକ ମହେନ୍ଦ୍ରତନୟା ନଦୀ ସହ କେନାଲ ସଂଯୋଗ କରିଥିଲେ। ଏସବୁ ଯୋଜନା ଏତେ ଉଚ୍ଚକୋଟୀର ଥିଲା ଯେ



ନଦୀର ଅଧିକ ଜଳ କେନାଲ ମାଧ୍ୟମରେ ଚାଷଜମିକୁ ମାଡ଼ିବ ଓ ସାଗର ସବୁ ଭର୍ତ୍ତି ହୋଇ ପୁଣି ତଳେ ଥିବା ଚାଷଜମିକୁ ଜଳ ଯୋଗାଇବ। ପରେ ବଳକା ପାଣି ନଦୀରେ ମିଶିବ। ଖାଲି ଯେ ହଜାର ହଜାର ଚାଷୀ ଏଥିରେ ଉପକୃତ ହେଉଥିଲେ ତାହା ନୁହେଁ, ଶତାଧିକ ମତ୍ସ୍ୟଜୀବୀ ମଧ ଜୀବନ ଜୀବିକା ନିର୍ବାହ କରୁଥିଲେ। ଏହା ସହିତ ସ୍ଥାନୀୟ ଜନସାଧାରଣ ପାନୀୟ ଜଳ ସହିତ ଆମୋଦ ପ୍ରମୋଦ ପାଇଁ ବ୍ୟବହାର କରୁଥିଲେ। ଜଳସେଚନ ବିଭାଗ ତଥା ରାଜ୍ୟ ସରକାରଙ୍କ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏ ୫ଟି ସାଗର ବିଲୁପ୍ତ ହେବାକୁ ବସିଲାଣି।

ବହୁବର୍ଷ ପୂର୍ବେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ରାମସାଗର କିଛି ମରାମତି କରାଯାଇଥିଲା, ହେଲେ ତାହା ସମୁଦ୍ରକୁ ଶଙ୍ଖେ ଭଳି। ସହର ଉପକଣ୍ଠରେ ଥିବା ରାମ ସାଗର ଓ ସୀତା ସାଗରରେ ଲୋକେ କୁଢ କୁଢ ଅଳିଆ ଆବର୍ଜନା ଆଣି ଫୋପାଡି ଦେଉଥିବା ଲକ୍ଷ୍ୟ କରାଯାଉଛି। ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଲାଣି। ପ୍ରାତଃ ଭ୍ରମଣ ଓ ସନ୍ଧ୍ୟାରେ ଆମୋଦ ପ୍ରମୋଦ ପାଇଁ ଆଉ ଏଠାକୁ କେହି ଆସୁନାହାନ୍ତି। କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଅଧିକାରୀ ପି. ଜଗନ୍ନାଥ କହିଛନ୍ତି, ରାମ ସାଗର, କୃଷ୍ଣ ସାଗର ଓ ଗଜପତି ସାଗରର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ଟ୍ରିପଲ୍ ଆର ଯୋଜନାରେ ଅର୍ଥ ମଞ୍ଜୁର ହୋଇଛି, କିନ୍ତୁ ଟେଣ୍ଡର ହୋଇନାହିଁ। ପରେ ପର୍ଯ୍ୟାୟକ୍ରମେ ଅନ୍ୟ ସାଗର ଓ କେନାଲ ଗୁଡ଼ିକର ରିନୋଭେଶନ ହେବ।

### ନାବାଳିକା ଅପହରଣ ମାମଲା
# ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ ଅଫିସ, ୧୦।୧

ଏକ ନାବାଳିକା ଅପହରଣ ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ଫାଷ୍ଟ ଟ୍ରାକ ପୋକ୍‌ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦,୧୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖଜୁରିପଡା ଥାନା ମାଲେରିଗାଁର ଗୋପବନ୍ଧୁ ପ୍ରଧାନ।

୨୦୧୬ ମେ ୨୦ ତାରିଖ ରାତିରେ ୧୭ ବର୍ଷୀୟା ନାବାଳିକା ଜଣକ ପରିସ୍ରା କରିବାକୁ ଘର ପଛପଟକୁ ଯାଇଥିଲେ। ଗୋପବନ୍ଧୁ ତାଙ୍କ ମୁହଁରେ ଗାମୁଛା ବାନ୍ଧି ଅଳ୍ପଦୂରରେ ଥିବା ଅଟୋରେ ନିଜ ଭାଇମାନଙ୍କ ସହାୟତାରେ ଅପହରଣ କରି ନେଇଥିଲେ। ମାଧପୁରରେ ଗୋଟିଏ ଘରେ ରଖିବା ସହ ଘଟଣା ବିଷୟରେ କାହାକୁ କିଛି କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏହାପରେ ନାବାଳିକାଙ୍କୁ ଅଟୋରେ ସୁଦ୍ରୁକୁମ୍ପା ନେଇ ବଜାରର ଟିକିଏ ଆଗରେ ଛାଡ଼ି ଚାଲି ଯାଇଥିଲେ। ନାବାଳିକା ଜଣକ ଗାଁକୁ ଫେରିବା ପରେ ଖଜୁରିପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୧/୧୬ରେ ମାମଲା ରୁଜୁ କରି ଗୋପବନ୍ଧୁଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ମୋଟ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ଡ଼ାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ଆସିକା ସେକ୍ସନରେ ବଢ଼ିଛି ପକ୍ଷୀ ସଂଖ୍ୟା

ଆସିକା,୧୦।୧(ଡି.ଏନ୍.ଏ.)

ଆସିକା ବନାଞ୍ଚଳର ଆସିକା, ଶେରଗଡ, ଷଡଙ୍ଗୀପଲ୍ଲୀ ଓ ଧରାକୋଟ ସେକ୍ସନର ୧୧ଟି ଜଳାଶୟ ନିକଟରେ ମଙ୍ଗଳବାର ପକ୍ଷୀଗଣନା ହୋଇଥିଲା। ଆସିକା ସେକ୍ସନରେ ଗତବର୍ଷ ଅପେକ୍ଷା ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ଏହି ସେକ୍ସନରେ ୧,୬୪୨ ପକ୍ଷୀ ଥିବାବେଳେ ଚଳିତବର୍ଷ ସଂଖ୍ୟା ବୃଦ୍ଧି ପାଇ ୧,୯୭୪ରେ ପହଞ୍ଚିଛି। ଆସିକା ସେକ୍ସନର ଦନ୍ତାରିବଗଡ, ଜାହାଡା, ଭେଟନଇ ଓ ଦେବଭୂମି ହଜରେ ପକ୍ଷୀ ଗଣନା କରାଯାଇଥିଲା। ଆସିକା ବନାଞ୍ଚଳରେ ବଗ, ପାଣିକୁଆ, ଡାହୁକ, ମାଛରଙ୍କା, କୁଜି ହଂସ, ଟିଇଁଟିଆଁ, ଚିଲ ଆଦି ପକ୍ଷୀ ଥିବା ଜଣାପଡ଼ିଛି। ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆସିକା ବନପାଳ ଭଗବାନ ବିଷୋୟୀ ଏବଂ ବନରକ୍ଷୀ ଓ ସ୍କ୍ୱାଡମେମ୍ବର ପକ୍ଷୀ ଗଣତିରେ ସାମିଲ ହୋଇଥିଲେ।

# ତହସିଲ ଅଫିସ୍ ସମ୍ମୁଖରେ ଏନ୍‌ଏସି ଅଧ୍ୟକ୍ଷଙ୍କ ଧାରଣା

ଭଞ୍ଜନଗର,୧୦।୧(ଡି.ଏନ.ଏ)

ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଲେ ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର। ଏଥିସହିତ ତହସିଲ୍‌ର ଦୁଇ ଜଣ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ଦିନ ସାଢ଼େ ୧୨ଟାରେ ଭଞ୍ଜନଗର ଅଞ୍ଚଳ ବାରୁଡ଼ାର ସନ୍ୟାସୀ ନାମକ ବ୍ୟକ୍ତି ତହସିଲ କାର୍ଯ୍ୟାଳୟକୁ ଯାଇ ପଟା ମାଗିଥିଲେ। ତହସିଲ କର୍ମଚାରୀ ତାଙ୍କୁ ୫ ହଜାର ଟଙ୍କା ମାଗିଥିଲେ ବୋଲି ଅଭିଯୋଗ କରିବା ସହିତ ଏ ନେଇ ସେ ଏନ୍‌ଏସି ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଅଧ୍ୟକ୍ଷ ମହାପାତ୍ର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପଟା କାହିଁକି ଦେଉନାହଁ ବୋଲି ପଚାରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଜଣେ କର୍ମଚାରୀ ନିଶାସକ୍ତ ଅବସ୍ଥାରେ ଅଧ୍ୟକ୍ଷଙ୍କୁ ଅସଦ୍ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦରେ ଅଧ୍ୟକ୍ଷ ମହାପାତ୍ର ଅନ୍ୟ କାଉନ୍‌ସିଲରମାନଙ୍କୁ ଡାକି ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଏଥିସହ ଭଞ୍ଜନଗର ଥାନାରେ ତହସିଲ କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତହସିଲଦାର ଅଚ୍ୟୁତାନନ୍ଦ ଜାନି ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ଅପରାହ୍ନ ୪ଟାରେ ପ୍ରତ୍ୟାହୃତ ହୋଇଥିଲା। ଅଧ୍ୟକ୍ଷଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ସରକାରୀ ଓକିଲ ଏମ୍ ତାଜ୍ ଆଦେନୀ, କଂଗ୍ରେସ ନେତା ତଥା ଆଇନଜୀବୀ ରବିଦାସ, ଖରାଂଶୁ ଶେଖର ଦାସ, ସତ୍ୟ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ତହସିଲଦାର ଦୁଇ କର୍ମଚାରୀଙ୍କୁ କୈଫିୟତ ମାଗିଛନ୍ତି।



ଏନ୍‌ଏସି ଅଧ୍ୟକ୍ଷ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ପାରଳା ମହାରାଜାଙ୍କ ତିରୋଧାନ ଦିବସ

ପାରଳାଖେମୁଣ୍ଡି,୧୦।୧(ଡି.ଏନ୍.ଏ.)

ପାରଳା ମହାରାଜା ତଥା ପୂର୍ବତନ ବ୍ରହ୍ମପୁର ଏମ୍‌ପି ଗୋପୀନାଥ ଗଜପତିଙ୍କ ତୃତୀୟ ତିରୋଧାନ ଦିବସ ମଙ୍ଗଳବାର ପାଳନ କରାଯାଇଛି। ଏହି ଅବସରରେ ରାଜକୁମାରୀ କଲ୍ୟାଣୀ ଗଜପତି, ପ୍ରଶାସନିକ ଅଧିକାରୀ, ରାଜନୈତିକ ନେତାମାନଙ୍କ ସମେତ ସାଧାରଣ ଜନତା ମହାରାଜାଙ୍କ ସମାଧିଠାରେ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଗଜପତି ଏସ୍‌ପି ସ୍ୱାତୀ ଏସ. କୁମାର, ପାରଳା ପୋର ଅଧ୍ୟକ୍ଷା ନିର୍ମଳା ସେଠୀ ପ୍ରମୁଖ ଯୋଗଦେଇ ଦକ୍ଷିଣ ଓଡ଼ିଶାର ବିକାଶ କ୍ଷେତ୍ରରେ ପାରଳା ଗଜପତି ପରିବାରର ଅବଦାନକୁ ନେଇ ସ୍ମୃତିଚାରଣ କରିଥିଲେ।

### ଶୀତ ମହୋତ୍ସବର ଚତୁର୍ଥ ସନ୍ଧ୍ୟା
## ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ନୃତ୍ୟରେ ଦର୍ଶକ ମତୁଆଲା



ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର କଳାକାରମାନେ।

ଦାରିଙ୍ଗବାଡି,୧୦।୧(ଡି.ଏନ.ଏ)

ଦାରିଙ୍ଗବାଡ଼ି ଶୀତ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମହୋତ୍ସବ କମିଟି ସଭାପତି ତଥା ବିଧାୟକ ସାଲୁଗା ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଖଣି ମନ୍ତ୍ରୀ ପ୍ରଫୁଲ ମଲ୍ଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲିକ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଶେରଗଡ଼ ତହସିଲଦାର ଡ. ଦୟାସିନ୍ଧୁ ପରିଡା, କରଞ୍ଜିଆ ତହସିଲଦାର ଚାର୍ଲସ ନାୟକ, ବାଲିଗୁଡା ଆଇଟିଡିଏ ପିଏ ମଧୁସୂଦନ ବେହେରା, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲିକ ପ୍ରମୁଖ ଯୋଗ ଦେଇଥିଲେ। ବିଡ଼ିଓ ଗଦାଧର ପାତ୍ର ଏବଂ ତହସିଲଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ବ୍ରହ୍ମପୁରର କ୍ରିଷ୍ଣା ମୋହନ ରେଡିଙ୍କ ପ୍ରିନ୍ସଡ୍ୟାନ୍ସଗ୍ରୁପ ଦର୍ଶକଙ୍କ ମନ ମୋହିଥିଲା। ବ୍ରହ୍ମପୁରର ପ୍ରୀତିରଞ୍ଜନ ପ୍ରଧାନ ଏବଂ ମଧୁସୂଦନ ମିଶ୍ରଙ୍କ ଆନ୍ନା କମେଡି, ସୁମିତ କୁମାର ନାୟକଙ୍କ ଦ୍ୱାରା ଭଜନ, ବୁଡଗୁଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ କୁଇନୃତ୍ୟ, ଅକ୍ଷୟ ପରିଚ୍ଛାଙ୍କ ଦ୍ୱାରା ଓଡ଼ିଆ ସଂଗୀତ, ସର୍ଗଫୁଲ କୁଇନୃତ୍ୟ, ଆକାଶ ଦିଗାଲଙ୍କ ସମ୍ବଲପୁରୀ ସଂଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

# ଆଜିଠୁ ମର୍ଦ୍ଦରାଜ ମହୋତ୍ସବ

### ଶିକ୍ଷାବିତ ଦେବୀ ପ୍ରସନ୍ନ ପଟ୍ଟନାୟକ ପାଇବେ ମର୍ଦ୍ଦରାଜ ସମ୍ମାନ

ଖଲ୍ଲିକୋଟ,୧୦।୧(ଡି.ଏନ୍.ଏ.)

ମର୍ଦ୍ଦରାଜ ମହୋତ୍ସବ ଆସନ୍ତାକାଲି ବୁଧବାରଠାରୁ ଆରମ୍ଭ ହେବ। ତିନି ଦିନ ଧରି ଅନୁଷ୍ଠିତ ହେବ ଏହି ମହୋତ୍ସବ। ରାଜ୍ୟ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଉଦଘାଟନ କରିବେ। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ୧୨ ତାରିଖରେ ସ୍ଥାନୀୟ କଳାକାରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ୧୩ ତାରିଖ ଉଦଯାପନୀ ଦିବସରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ମନ୍ମଥ ପାଢ଼ୀ ମୁଖ୍ୟ ଅତିଥି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପ୍ରାକ୍ତନ ମୁଖ୍ୟଡକ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେବେ। ସମସ୍ତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ରାଣୀ ଭି.ସୁଜ୍ଞାନୀ କୁମାରୀ ଦେଓ ସଭାପତିତ୍ୱ କରିବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷର ମର୍ଦ୍ଦରାଜ ସମ୍ମାନ ବିଶିଷ୍ଟ ଶିକ୍ଷାବିତ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ଗଞ୍ଜାମ ଜିଲାର ଶିକ୍ଷା ଓ ଶିକ୍ଷାୟତନ ଉପରେ ଚଳିତ ବର୍ଷର ମର୍ଦ୍ଦରାଜ ସ୍ମରଣିକା ପ୍ରକାଶିତ ହେଉଛି। ଚଳିତ ବର୍ଷ ପ୍ରଥମ କରି ବ୍ରହ୍ମପୁର କେ.ସି ପବ୍ଲିକ ସ୍କୁଲରେ ମର୍ଦ୍ଦରାଜ ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ୧୩ ତାରିଖ ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିକୁ ଭୁବନେଶ୍ୱର ଏଜି ଛକଠାରେ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନାବରଣ କରିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ସ୍ଥାନୀୟ ଯୁବରାଜ ବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ସାହୁ ଏହି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ଡାକ୍ତର ସାକେତ ରାମାରାଓ, ଉପସଭାପତି ଅନିରୁଦ୍ଧ ସାହୁ, ବରିଷ୍ଠ ସଦସ୍ୟ ଡାକ୍ତର ହରପ୍ରସାଦ ମହାପାତ୍ର, ଚନ୍ଦ୍ରଶେଖର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଡି. ରାଧାଶ୍ୟାମ ଦୋରା, ଏନ୍‌ଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମମୋହନ ପଣ୍ଡା, ପୂର୍ବତନ ସରପଞ୍ଚ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୧୧, ୧୨, ୧୩ ନମ୍ବର ଜିଲା ପରିଷଦ ଜୋନରୁ ତିନୋଟି ସାମାଜିକ ନାଟକ ତିନି ଦିନ ଧରି ରାତିରେ ପରିବେଷଣ କରାଯିବ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି ସମ୍ପାଦକ ସୁଧାଂଶୁ ଶେଖର ସାହୁ।

# ପଥର ଉତ୍ତୋଳନକୁ ବିରୋଧ

### ପଥର ଖଣି ଖନନ ଲାଗି ଶୁଣାଣି




ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

### ଘର ଫାଟୁଥିବା, ପରିବେଶ ପ୍ରଦୂଷିତ ହେଉଥିବା ଅଭିଯୋଗ

ପୁରୁଷୋତ୍ତମପୁର,୧୦।୧(ଡି.ଏନ.ଏ.)

ପୁରୁଷୋତ୍ତମପୁର ତହସିଲ ଅନ୍ତର୍ଗତ ଭାଟକୁମରଡା ମୌଜାର ଆଦର୍ଶ ବିଦ୍ୟାଳୟ ନିକଟରେ ଥିବା ପ୍ଲଟ ନଂ ୪୮୭୭ରେ ୩୯.୦୫୫ ଏକରରେ ରହିଥିବା ପାହାଡ଼ରୁ ପଥର ଖନନ ଲାଗି ମଙ୍ଗଳବାର ଜନଶୁଣାଣି ହୋଇଯାଇଛି। ତେବେ ଉପସ୍ଥିତ ଭାଟକୁମରଡା ଲୋକେ ଏହାକୁ ତିବ୍ର ବିରୋଧ କରିଥିଲେ। ଶୁଣାଣି ଲାଗି ଗ୍ରାମରେ ଧେଣ୍ଡୁରା ଦେଇ ଲୋକଙ୍କୁ ଜଣାଯାଇନଥିବାରୁ ଲୋକେ ଜାଣି ପାରିନାହାନ୍ତି। ଏଥିରେ ଉପସ୍ଥିତ ଅଧିକାଂଶ ଲୋକ ଅନ୍ୟ ଗ୍ରାମର। ପାହାଡ଼ ନିକଟରେ ଆଦର୍ଶ ବିଦ୍ୟାଳୟ, ମନ୍ଦିର ମାନ ରହିଛି। ଏହା ସହ ଭାଟକୁମରଡା, ନାଇଡୁପଲ୍ଲୀ ଓ କନ୍ଦାଳପଲ୍ଲୀ ଗ୍ରାମ ରହିଛି। ଅପରପକ୍ଷରେ ଏହା ନିକଟରେ ପାର୍କ ଓ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଲାଗି ବ୍ୟବସ୍ଥା କରାଯାଉଛି। ଏହି ପାହାଡ଼ରୁ ପଥର ଖୋଳିବା ଦ୍ୱାରା କମ୍ପନର ପ୍ରଭାବରେ ଆଦର୍ଶ ବିଦ୍ୟାଳୟର କୋଠା, ଗ୍ରାମରେ ଥିବା ଅଧିକାଂଶ ଘର ଥରି ଫାଟିଯିବାରେ ଲାଗିଛି। କେଉଁ ମୁହୂର୍ତ୍ତରେ ଏହି ଆଦର୍ଶବିଦ୍ୟାଳୟର କୋଠା ଓ ଘରମାନ ଭାଙ୍ଗି ଭୁଶୁଡ଼ି ପଡିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ପଥର ଖନନ ଦ୍ୱାରା ଏହାର ଧୂଳିଉଡ଼ି ପରିବେଶ ପ୍ରଦୂଷିତ ହେଉଛି। ଏଣୁ ପଥର ଖଣିକୁ ବନ୍ଦ କରିବା ଲାଗି ଜନସାଧାରଣ ଦାବି କରିଛନ୍ତି। ଏହି ଶୁଣାଣିରେ ଛତ୍ରପୁର ଉପ ଜିଲାପାଳ ପ୍ରସନ୍ନ କୁମାର ପାତ୍ର, ପୁରୁଷୋତ୍ତମପୁର ତହସିଲଦାର ସନ୍ତୋଷ କୁମାର ସାହୁ ଓ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ, ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବମକୋଇ ପାଟ କାରିଗରଙ୍କୁ ଭେଟିଲେ ରେଳ ରାଷ୍ଟ୍ରମନ୍ତ୍ରୀ

## ଗୁଣପୁର-ଥେରୁବାଲୀ ରେଳ ସଂଯୋଗୀକରଣ ହେବ

ପାତ୍ରପୁର/ ପାରଳାଖେମୁଣ୍ଡି, ୧୦।୧(ଡି.ଏନ୍.ଏ.)

ରେଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଷ ମଙ୍ଗଳବାର ଗଞ୍ଜାମ ଜିଲା ପାତ୍ରପୁର ଗସ୍ତରେ ଆସି ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ କେଲୁଆଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ ବାଇକ ରାଲିରେ ପାତ୍ରପୁର ଭାଜପା କାର୍ଯ୍ୟାଳୟକୁ ଅଣାଯାଇଥିଲା। ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ରାଜ୍ୟ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର, ଜିଲା ସଭାପତି ବିଭୂତିଭୂଷଣ ଜେନା, ଲୋକ ସଭା ସଂଯୋଜକ ସରୋଜ ସାବତ, ଜିଲା ମହିଳା ନେତ୍ରୀ ମୀନା ଦ୍ୟାନସାମନ୍ତରା, ବିଧାନସଭା ପ୍ରଭାରୀ କାମନା ପାଢ଼ୀ, ସଂଯୋଜକ ଆପନା ପ୍ରଧାନ, ପାତ୍ରପୁର ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ଉପାଧ୍ୟକ୍ଷ ଅନାଦୀ ଚରଣ ପଣ୍ଡିତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ରାଷ୍ଟ୍ରପତି ପୁରସ୍କାର ପାଇଥିବା ବମକୋଇପାଟ ଦେଇ ସମ୍ମାନିତ କରାଯାଇଥିଲା। ଆୟୁଷ୍ମାନ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ କମିଟି ତାଲିକାର ତଦାରଖ କରି ସାଧାରଣ ନିର୍ବାଚନରେ ଦଳ କିପରି କ୍ଷମତାକୁ ଆସିବ ସେ ନେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଶେଷରେ ବମକୋଇ ଗ୍ରାମରେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସମନ୍ତରାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ବମକୋଇପାଟ କାରିଗର ସୁଶାନ୍ତ ନାୟକଙ୍କ ଘରକୁ ଯାଇ ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୱାଇ. ମୋହନ ରାଓ, ୱାଇ. ନାଗମା ରାଓ, ବାଲକ୍ରିଷ୍ଣା ରେଡ୍ଡି, ଧନୁ ଶବର, ସରପଞ୍ଚ, ସମିତି ସଭ୍ୟ, ମଣ୍ଡଳ ସଭାପତି, ମଣ୍ଡଳ ସ୍ତରୀୟ କାର୍ଯ୍ୟକାରିଣୀ ସଦସ୍ୟ/ସଦସ୍ୟା ଓ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।

କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଗଜପତି ଜିଲା ଗସ୍ତରେ ଆସି ପାରଳାଖେମୁଣ୍ଡି ସର୍କିଟ ହାଉସଠାରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଏସ୍‌ପି ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ବିଧାୟକ କେ. ନାରାୟଣ ରାଓ, ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ପ୍ରମୁଖ ଯୋଗଦେଇ ଜିଲାର ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ। ପରେ ଜିଲା କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ରାଜନୈତିକ ପ୍ରସଙ୍ଗରେ ଆଲୋଚନା କରିବା ସହ ୨୦୨୪ରେ ଦଳ ସଫଳତା ହାସଲ କରିବା ନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପରେ ପାରଳାଖେମୁଣ୍ଡି ରେଳ ଷ୍ଟେଶନ ପରିଦର୍ଶନ କରି ଷ୍ଟେଶନର ଦୋହରୀକରଣ କାର୍ଯ୍ୟକୁ ବୁଲି ଦେଖିଥିଲେ। ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତିରେ ରେଳବାଇର ଉନ୍ନତି ଓ ଗୁଣପୁର-ଥେରୁବାଲି ରେଳପଥ ସଂଯୋଗୀକରଣ ସକାଶେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଜରଦୋଷ ସୂଚନା ଦେଇଥିଲେ। ରେଳବାଇର ବିକାଶ ସକାଶେ ରାଜ୍ୟ ସରକାର ଜମି ଯୋଗାଇବା ଆବଶ୍ୟକ ରହିଛି, କିନ୍ତୁ ଓଡ଼ିଶା ସରକାରଙ୍କ ସହଯୋଗ ମିଳୁନଥିବା ଅଭିଯୋଗ କରିଛନ୍ତି। ଏହାସହ ଜିଲାରେ ହସ୍ତତନ୍ତ ବିକାଶ ଦିଗରେ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।




ଗଜପତି ଜିଲା ଭାଜପା କାର୍ଯ୍ୟାଳୟରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଓ ଅନ୍ୟ ନେତୃବୃନ୍ଦ।

